**ବ୍ୟଞ୍ଜନ ଦ୍ୱାଦଶୀରେ ଛପନ ପ୍ରକାର ଭୋଗ**

ଶେରଗଡ଼,(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ ବ୍ଲକ ଡେଙ୍ଗାପଦର ଗ୍ରାମସ୍ଥିତ ରଘୁନାଥ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ଅବସରରେ ଛପନ ପ୍ରକାର ଭୋଗ ଲାଗି ହୋଇଥିଲା। ମଠାଧୀଶ ପରମାନନ୍ଦ ଦାସ ଗୋସାମୀଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ ସାଧୁ ସନ୍ଥଙ୍କ ସମାଗମ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମଧ୍ୟ ଯୋଗ ଦେଇଥିଲେ।



## ସଂକ୍ଷେପରେ

### ଧାନ କିଣା ନେଇ ସଚେତନତା

ଶେରଗଡ଼, ୧୩।୧୨ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ ସଭା ଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ଧାନ କିଣା ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ ଯୋଗାଣ ଅଧିକାରୀ ବିଭୂ ପ୍ରସାଦ ସାହୁ ସୂଚନା ଦେଇ କହିଥିଲେ, ଧାନ ମଣ୍ଡି ଜରିଆରେ କିଣାଯିବ। ଏଥିପାଇଁ ଚାଷୀଙ୍କ ଟୋକନ ଆସିବ। ଟୋକନ ଦେଇ ସେମାନେ ଧାନ ଦେବେ। ଧାନ ଦେବା ଦିନ ହିଁ ଚାଷୀଙ୍କ ଜମାଖାତାକୁ ଧାନ ବାବଦ ଅର୍ଥ ଯିବ ବୋଲି ସେ କହିଥିଲେ। ମିଲରମାନେ ନିଜ ମିଲକୁ ଧାନ ମହଜୁଦ ରଖିବା ନେଇ ଆବଶ୍ୟକ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ଧାନ କିଣା ପ୍ରକ୍ରିୟା ନିମନ୍ତେ ଚାଷୀମାନେ ଯେପରି ଶହେ ପ୍ରତିଶତ ଧାନ ମଣ୍ଡି ଜରିଆରେ ଦେବେ ସେ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ କୁହାଯାଇଥିଲା।

### ପ୍ରମିଳା ପ୍ରଧାନଙ୍କୁ ସମ୍ବର୍ଦ୍ଧନା

ବେଲଗୁଣ୍ଠା, ୧୩।୧୨ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମିଳା ପ୍ରଧାନ ବିଜେଡ଼ି ଛାଡ଼ି ଭାଜପା ଯୋଗଦେବା ପରେ ଶୁକ୍ରବାର ତାଙ୍କୁ ବ୍ଲକ୍ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ ମହାନ୍ତି, ଅଧ୍ୟକ୍ଷା ପ୍ରଧାନ, ଆମ୍ବପୁଆ ପୂର୍ବତନ ସରପଞ୍ଚ ପ୍ରମୋଦ ପ୍ରଧାନ ଓ ଜିତେନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ଭାଜପା ନେତା ରଞ୍ଜନ ରାଉତ, ଖଇରପୁଟି ସରପଞ୍ଚ ସତ୍ୟବାନ ସ୍ୱାଇଁ, କେବିପୁର ସରପଞ୍ଚ କମଳା ପ୍ରଧାନ, ବଡ଼ବୋରସିଂ ପୂର୍ବତନ ସରପଞ୍ଚ ଚିନ୍ତାମଣି ସ୍ୱାଇଁ, ନାଟେଙ୍ଗା ପୂର୍ବତନ ସରପଞ୍ଚ ପ୍ରହଲାଦ ଲେଙ୍କା, ବେଲଗୁଣ୍ଠା ପୂର୍ବତନ କାଉନସିଲର ଜତୀନ ପାତ୍ରଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

### ନିଶାମୁକ୍ତ ଭାରତ ଅଭିଯାନ ପାଇଁ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୧୩।୧୨ (ଗିରିଧାରୀ ପରିଛା)

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଉସ୍ପର୍ଗିତା ବଡରଇତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାରେ ୪୨ ଜଣ ଅଂଶ ଗ୍ରହଣ କରିଥିଲେ। ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନରୁ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୧୮ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ବାରାଣସୀ ହାଇସ୍କୁଲର ୭୦ ବର୍ଷ ପୂର୍ତ୍ତି

କାଶୀନଗର, ୧୩।୧୨ (ଟି. କ୍ରିଷ୍ଣା ରାଓ)– ବାରାଣସୀ ସରକାରୀ ହାଇସ୍କୁଲର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ଆଦିକନ୍ଦ ଗମାଙ୍ଗ ଅଧ୍ୟକ୍ଷତା କରିଥିଲେ। ବିଧାୟକ ରୂପେଶ ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଏନ୍‌ଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବି. ସାୟାମ୍ମା, ବିଡିଓ ଡମ୍ବରୁଧର ମଲ୍ଲିକ, ଭଞ୍ଜନଗର ବିଇଓ ଏସ. ଧନଞ୍ଜୟ, ଏସ୍‌ଆଇ ଆଲୋକ ରଞ୍ଜନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ପଣ୍ଡା, କାଉନ୍‌ସିଲର କେ. ରାମାରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଭାଗୀରଥି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଟେଲାଇଟ ଧରିଲା ୧୭,୧୦୨ ପ୍ଲଟ

ସୋରଡା, ୧୩।୧୨ (ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡା ବ୍ଲକରେ ୧୭ ହଜାର ୧୦୨ ପ୍ଲଟରେ ଚାଷ ହୋଇ ନ ଥିବା ସାଟେଲାଇଟ ସର୍ଭେରୁ ଜଣାପଡିଛି। ଏତେ ପ୍ଲଟ ମିଥ୍ୟା ବାହାରିବା ଦେଖି ବର୍ତ୍ତମାନ ଚିନ୍ତା ବଢିଛି। ଅସଲି ଜମିରେ ନକଲି ଚାଷ, ଶ୍ମଶାନ ଖେଳପଡିଆ, କୋଠାଘର, ପୋଖରୀ, ବଗିଚା, ଗୋଚର ଜମି ଆଦିକୁ ଦେଖାଇ ଚାଷୀମାନେ ପଞ୍ଜୀକରଣ କରିଛନ୍ତି। ଉପରୋକ୍ତ ପ୍ଲଟରେ ଅଣଧାନ ହୋଇଛି ନଚେତ ମୂଳରୁ ଧାନ ହୋଇ ନ ଥିବା ଜଣାପଡିଛି। ଏହାର ପୁନଃ ଯାଞ୍ଚ କରାଯିବ ଏବଂ ପରେ ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯିବ ବୋଲି ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚାଲିଛି। କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପ୍ରତିବର୍ଷ ଏଭଳି ହେବା ସ୍ୱାଭାବିକ ବୋଲି ଆଲୋଚନା ହେଉଛି। ସୋରଡା ବ୍ଲକରେ ପ୍ରାୟ ୨୬ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ସେଥିରୁ ପ୍ରାୟ ୧୩ ହଜାର ଜମି ହିନ ଚାଷୀ ଏବଂ ପାଖାପାଖି ୧୨ ହଜାର ୮୦୦ଚାଷୀଙ୍କ ଜମି ରହିଛି। ପଞ୍ଜୀକରଣ ଚାଷୀଙ୍କ ମଧ୍ୟରୁ ୧୭ ହଜାର ପ୍ଲଟରେ ନକଲି ଧାନ ହୋଇଥିବା ଯଦି ରିପୋର୍ଟ ଆସେ ତେବେ ୮ ରୁ ୧୦ ହଜାର ଚାଷୀ ପଞ୍ଜୀକରଣରୁ ବାଦ ପଡବେ। ପ୍ରତେକ ବର୍ଷ ଚାଷୀମାନେ ତହସିଲ ଅଫିସରେ ଚାଷୀ ରାଜସ୍ୱ ବାନ୍ଧୁଥିବା ବେଳେ ଅଫିସ କହୁଛି ଜିଓ ଟାଗିଂ ପ୍ରକ୍ରିୟା ଚାଲିଛି। ଯଦି ଏହା ସତ୍ୟ ତେବେ ଏତେଗୁଡାଏ ପ୍ଲଟ ଚିନ୍ତାଜନକ ସ୍ଥିତି ସୃଷ୍ଟି କରି ନ ଥାନ୍ତାବୋଲି କୁହାଯାଉଛି। କୃଷି ବିଭାଗର ଡିଇଓମାନେ ତଦନ୍ତ କରି ପଞ୍ଜୀକରଣ କରିବା କଥା। କ୍ଷେତ୍ର ପରିଦର୍ଶନ ବେଳେ ଜିପିଏସ କ୍ୟାମେରାରେ ପ୍ଲଟ ଟ୍ୟାଗ କରାଯାଏ। କିଛି ଦିନ ହେଲା ମେଘୁଆ ପାଗ ଓ ଫସଲ ଜମିରେ ପଡିଥିବା ଯୋଗୁ ଜିଓ ଟାଗିଂରେ ଏହା ଘାସ ପଡିଆ ଭଳି ଦେଖାଯାଉଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ତେଣୁ ଏହାର ଠିକ ସର୍ଭେ କରିବାକୁ ଚାଷୀ ଦାବି କରିଛନ୍ତି। ଏହି ସବୁ ପ୍ଲଟର କୃଷି ସମବାୟ ସମିତି ଓ ପରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଯାଞ୍ଚ କରାଯିବ ଏବଂ ପ୍ରକୃତ ଧାନ ହୋଇଥିବା ପ୍ଲଟକୁ ପଞ୍ଜୀକରଣ କରିବା ସହ ମଣ୍ଡିରେ ଧାନ ବିକିବା ପାଇଁ ଟୋକନ ପ୍ରଦାନ କରାଯିବ ବୋଲି ପ୍ରଶାସନ କହୁଛି। କିନ୍ତୁ ଚିନ୍ତାର ବିଷୟ ହେଲା ଆଉ ମାତ୍ର ୪ରୁ ୫ ଦିନ ମଧ୍ୟରେ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏପରି ସ୍ଥିତିରେ ଏତେ ଗୁଡାଏ ପ୍ଲଟକୁ କିପରି ଯାଞ୍ଚ କରାଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସୋରଡା ବ୍ଲକ ସହକାରୀ କୃଷି ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି, ବର୍ତ୍ତମାନ ଯାଞ୍ଚ କରାଯିବ ଏବଂ ଯେପରି ପ୍ରକୃତ ହିତାଧିକାରୀ ଟୋକନରୁ ବଞ୍ଚିତ ନ ହେବେ ସେଥିପାଇଁ ବ୍ୟବସ୍ଥା କରାଯିବ। ସୋରଡା ବିଧାୟକ ନୀଳମଣି ବିଶୋୟୀଙ୍କ କହନ୍ତି, ଯଦି ସାଟେଲାଇଟ ସର୍ଭେରୁ ଆସିଥିବା ତଥ୍ୟ ଚିନ୍ତାର ବିଷୟ ତେବେ ଚାଷୀ ପଞ୍ଜୀକରଣରେ ଯେପରି ସ୍ୱଚ୍ଛତା ଆସିବା ସେଥିପାଇଁ ପ୍ରୟାସ କରାଯିବ। ସରାବାଡି ଗ୍ରାମର ଚାଷୀ ବନମାଳୀ ସ୍ୱାଇଁ କହନ୍ତି, ସର୍ଭେ ଠିକ୍ ହେବା ଦରକାର। ନଚେତ ବହୁ ଚାଷୀ ଟୋକନରୁ ବଞ୍ଚିତ ହେବେ।

## କାୟାକଳ୍ପ ଟିମ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ପରିଦର୍ଶନରେ ଆସିଥିବା ଟିମ୍ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ।

ଛତ୍ରପୁର, ଛତ୍ରପୁର, ୧୩।୧୨ (ଦିଲ୍ଲୀପ ସାମଲ)

ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ଗଞ୍ଜାମ ଜିଲାର ଦୁଇଜଣିଆ କାୟାକଳ୍ପ ଟିମ୍ ପରିଦର୍ଶନ କରି ଭିତିଭୂମି ତଦାରଖ କରିଛନ୍ତି। ବେଲଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସୁବ୍ରତ ବେହେରା ଓ ବିପିଏମ ଶଶାଙ୍କ ଶେଖର ପଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଆଉଟ ଡୋର, ଇନଡୋର ସହ ବିଭିନ୍ନ ସ୍ଥାନ ବୁଲି ଦେଖିବା ସହିତ ସ୍ୱଚ୍ଛତା ଓ ପାନୀୟ ଜଳ ବ୍ୟବସ୍ଥା ତଦାରଖ କରିଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସ୍ୱାଧୀନ ରଥ, ଡାକ୍ତର ଅଜିତ ନାୟକ, ଡାକ୍ତର ସାଗର ନାୟକ, ଡାକ୍ତର ଦେବେନ୍ଦ୍ର ନାଥ ନାୟକ, ବିଏଏମ ଦେବାଶିଷ ପାତ୍ର, ବିପିଏମ ସିମାଞ୍ଚଳ ପ୍ରଧାନ ଓ ଜନ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଗଞ୍ଜେଇ କାରବାରରେ ହୋମଗାର୍ଡଙ୍କ ସମେତ ୫ ଗିରଫ

### ଅଡିଓ ଭାଇରାଲ ଘଟଣା

ଦାରିଙ୍ଗବାଡ଼ି, ୧୩।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ପରପାଙ୍କା ଏବଂ ଫ୍ଲିହେରି ଅଞ୍ଚଳରେ ୭୦ଏକର ଜମିରେ ବେଆଇନ ଗଞ୍ଜେଇ ଚାଷକୁ ପୋଲିସ ନଷ୍ଟ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଦାରିଙ୍ଗବାଡ଼ି ପୋଲିସ ହୋମଗାର୍ଡଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦାରିଙ୍ଗବାଡ଼ି ଥାନାର ହୋମଗାର୍ଡ ସତ୍ୟଜିତ ମଲିକ ଓରଫ ସିଲୁ ମାନସ ପ୍ରଧାନ, ରାଜୁ ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ ଏବଂ ଆଦିକନ୍ଦ ପ୍ରଧାନ ବୋଲି ଖବରଦାତା ସମ୍ମିଳନୀରେ କନ୍ଧମାଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଡୁଲୁରୀ ନିକଟ ଜଙ୍ଗଲ ଓ ପାହାଡ଼ ମଧ୍ୟରେ ବେଆଇନ ଗଞ୍ଜେଇ ଚାଷ କରାଯାଇଥିବା ଖବର ପାଇ ଦାରିଙ୍ଗବାଡ଼ି ଆଇଆଇସି ଅଶୋକ ହାଁସଦାଙ୍କ ନେତୃତ୍ୱରେ ସଶସ୍ତ୍ର ପୋଲିସ ବାହିନୀ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଶରତ ଶବର ଏବଂ ଅବକାରୀ ବିଭାଗ ମିଳିତ ଭାବେ ଉକ୍ତ ଜଙ୍ଗଲରେ ପହଞ୍ଚି ଗଞ୍ଜେଇ ଗଛକୁ କାଟି ନିଆଁ ଲଗାଇ ନଷ୍ଟ କରିଥିଲେ। ସେଠାରୁ ଚାଷୀଙ୍କୁ ଥାନାକୁ ଅଣାଯାଇ ପଚରାଉଚରା ପରେ ଗିରଫ କରାଯାଇଛି। ଗିରଫ ଚାଷୀଙ୍କ ସହ ହୋମଗାର୍ଡ ସତ୍ୟଜିତ ମଲିକଙ୍କ ସମ୍ପୃକ୍ତି ରହିଛି। ଚାଷ କାର୍ଯ୍ୟରେ ସହଯୋଗ କରୁଥିବାରୁ ହୋମଗାର୍ଡ ସମେତ ୪ ଚାଷୀଙ୍କୁ ଗିରଫ କରାଯାଇଛି। କନ୍ଧମାଳକୁ ଗଞ୍ଜେଇ ଚାଷମୁକ୍ତ କରାଯିବା ପାଇଁ ଜିଲା ପୋଲିସ ଦୃଢ଼ ପଦକ୍ଷେପ ନେଉଛି। ଏସ୍‌ପି ହରିଶ ବିସିଙ୍କ ନିର୍ଦ୍ଦେଶ କ୍ରମେ ପଦକ୍ଷେପ ନିଆଯାଉଛି। ଦାରିଙ୍ଗବାଡ଼ି ଅଞ୍ଚଳରେ ଗଞ୍ଜେଇ ଗଛ କଟାଯିବା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ସହ ଅପରେଶନ ନୀଳ ଜହର ଚାଲିଛି। ପୂର୍ବରୁ ୩୪୫ ଏକର ଜମିରେ ବେଆଇନ ଗଞ୍ଜେଇ ଗଛ କଟା ସରିଛି। ଚର୍ଚ୍ଚିତ ପୋଲିସ ହୋମଗାର୍ଡ ଏବଂ ଗଞ୍ଜେଇ ଚାଷୀଙ୍କ ଅଡିଓ ଭାଇରାଲ ହୋଇଥିବା ଘଟଣା ପ୍ରଶ୍ନରେ ସେ କହିଛନ୍ତି, ଉକ୍ତ ଅଡିଓ ଭାଇରାଲର ପ୍ରାଥମିକ ତଦନ୍ତରୁ ହୋମଗାର୍ଡ ସମ୍ପୃକ୍ତି ଜଣାପଡ଼ିଛି। ଏନେଇ ଦାରିଙ୍ଗବାଡ଼ି ଥାନାରେ କେସ୍ ନଂ. ୨୨୪ /୨୪ ରୁଜୁ କରାଯାଇ ଅଧିକା ତଦନ୍ତ ଚାଲିଥିବା କୁହାଯାଇଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ



ବାଲିଗୁଡ଼ା ଏସ୍‌ଡିପିଓ କମଳ କୁମାର ପଣ୍ଡା, ଆଇଆଇସି ଅଶୋକ କୁମାର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଉକ୍ତ ଅଞ୍ଚଳର ଗଞ୍ଜେଇ ଚାଷୀଙ୍କ ସହ ହୋମଗାର୍ଡଙ୍କ ବାର୍ତ୍ତାଳାପ ଅଡିଓ ଭାଇରାଲ ହୋଇଥିଲା। ଏଥିରେ ହୋମଗାର୍ଡ ଜଣକ ଶୀଘ୍ର ଥାନାକୁ ଆସି ଉତ୍କୋଚ ଦେବାକୁ ବାଧ କରିବା ସହ ସନ୍ଧ୍ୟା ସମୟ ସୁଦ୍ଧା ନ ଭେଟିଲେ ଫୁଲବାଣୀରୁ ଆସୁଥିବା ପୋଲିସ ଟିମ୍ ତୁମ ଗଞ୍ଜେଇ ଗଛ ସବୁ କାଟିଦେବେ ବୋଲି ଧମକ ଦେଇଥିବା ଅଡିଓ ଭାଇରାଲ ହୋଇଥିଲା। ଏଥିରେ ବ୍ୟକ୍ତିଜଣକ ଚାଷୀଙ୍କ କେତେ ଗଛ ରହିଛି ସେ ସମ୍ପର୍କରେ ପଚାରୁଥିବା ଜଣାପଡ଼ିଥିଲା। ଅଡିଓ ଭାଇରାଲଟି ଜଣେ ହୋମଗାର୍ଡଙ୍କ ସହ ଗଞ୍ଜେଇ ଚାଷୀଙ୍କ ବାର୍ତ୍ତାଳାପ ବୋଲି ଚର୍ଚ୍ଚା ହେଉଥିଲା। ଏବେ ହୋମଗାର୍ଡ ଗିରଫ ପରେ ଲୋକଙ୍କ କଳ୍ପନାଜଳ୍ପନାର ଅନ୍ତ ଘଟିଛି।

### ୨୯ ରାଜ୍ୟସ୍ତରକୁ ମନୋନୀତ

**ଯୁବ ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା**

ଫୁଲବାଣୀ, ୧୩।୧୨ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଜାତୀୟ ଯୁବ ଉତ୍ସବ ପାଳନ ଅବସରରେ ଫୁଲବାଣୀସ୍ଥିତ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଡିଟୋରିୟମରେ ଶୁକ୍ରବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଅଶୋକ ଭୋଇଙ୍କ ସମେତ ମହାବିଦ୍ୟାଳୟ ଅଧ୍ୟକ୍ଷ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ସରକାରୀ ସି.ଟି.ର ଅଧ୍ୟକ୍ଷ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଦଳଗତ ଲୋକ ନୃତ୍ୟରେ ଫୁଲବାଣୀ ନୂତନ କଳାକେନ୍ଦ୍ର, ସୋଲୋ ଲୋକନୃତ୍ୟରେ ସୁଶ୍ରୀ ନିହାରିକା ନାୟକ, ଦଳଗତ ଲୋକ ସଙ୍ଗୀତରେ ଫ୍ରେଣ୍ଡ୍‌ସ କ୍ଲବ, ଏକକ ଲୋକ ସଙ୍ଗୀତରେ ଚିନ୍ମୟ ବେହେରା, ହୀନ୍ଦି କବିତା ଲିଖନରେ ପ୍ରଭାକର ନନ୍ଦ, ଇଂରାଜୀ କବିତା ଲିଖନରେ ଝରଣାରାଣୀ ଭେସ୍ରା, ହୀନ୍ଦି ଗଳ୍ପ ଲିଖନରେ ମନୋବିନା ପ୍ରିୟଦର୍ଶନୀ, ଇଂରାଜୀ ଗଳ୍ପ ଲିଖନରେ ଶ୍ୱେତା ନାୟକ, ଚିତ୍ରକଳାରେ ଅପରାଜିତା କହଁର, ହୀନ୍ଦି ଔପଚାରିକ ବକ୍ତୃତାରେ ଚିରଞ୍ଜିବୀ ଗୋଛାୟତ ଏବଂ ଇଂରାଜୀ ଔପଚାରିକ ବକ୍ତୃତାରେ ସୌମ୍ୟରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଦଳଗତ ଲୋକନୃତ୍ୟ ଓ ଦଳଗତ ଲୋକ ସଙ୍ଗୀତରେ ୧୦ ଜଣ ଲେଖାଏ ଓ ଅନ୍ୟ ପ୍ରତିଯୋଗିତାର ଜଣେ ଲେଖାଏ ମୋଟ ୨୯ ଜଣ ଆସନ୍ତା ୨୦ ତାରିଖରେ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ପରିବର୍ତ୍ତନ ବିଶ୍ୱ ପାଇଁ ବ୍ୟବସାୟ ଶିକ୍ଷା ଉପରେ ପାଠଚକ୍ର



ଭଞ୍ଜନଗର, ୧୩।୧୨ (ବାବୁଲା ପ୍ରଧାନ)

ଭଞ୍ଜନଗର କେଏସ୍‌ୟୁବି କଲେଜରେ ବୁଧବାର ପରିବର୍ତ୍ତନ ବିଶ୍ୱ ପାଇଁ ବ୍ୟବସାୟ ଶିକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇକ୍ୟୁଏସି ଏବଂ ବାଣିଜ୍ୟ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଏଥିରେ ଅଧ୍ୟକ୍ଷତା କରି ଉଦ୍‌ଘାଟନ କରିଥିଲେ। ନିକମାର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପ୍ରଦୀପ୍ତ କୁମାର ସାମନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟବସାୟ ଶିକ୍ଷାର ମାନବିକ ଦୃଷ୍ଟିକୋଣ ଏବଂ ବର୍ତ୍ତମାନ ବିଶ୍ୱର ବ୍ୟବସାୟିକ ପରିବର୍ତ୍ତନ କେମିତି ସମାଧାନ କରିବାକୁ ପଡ଼ିବ ସେନେଇ କହିଥିଲେ। ବିଶେଷକରି ଡିଜିଟାଲ ତଥା ବୈଷୟିକ ବ୍ୟବସାୟ ପରିପ୍ରେକ୍ଷୀରେ ଆଧୁନିକ ଶିକ୍ଷା ପ୍ରଣାଳୀର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଅଧ୍ୟାପକ ଡ.ସୁନାମ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ଅଧ୍ୟାପକ ଦୁର୍ଗା ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁନୀଲ କୁମାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ ରଜନୀ କାନ୍ତ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ବୁଦ୍ଧଖୋଲରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବନସଲ



ବୈଠକରେ ଉପସ୍ଥିତ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ମନ୍ତ୍ରୀ ଓ ଭାଜପା ନେତା, କର୍ମୀ।

ବୁଗୁଡ଼ା, ୧୩।୧୨ (କାଳିଚରଣ ଦାଶ)

ବୁଦ୍ଧଖୋଲରେ ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବନସଲ ଯୋଗଦେଇ ୪ଟି ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ଜିଲାରେ ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ଗୁରୁମନ୍ତ୍ର ଦେଇଛନ୍ତି। ଜିଲାରେ କିଭଳି ତୃଣମୂଳସ୍ତରରେ ବୁଥ କମିଟି, ମଣ୍ଡଳ କମିଟି ଆଦି ଗଠନ ପାଇଁ ଦଳର ନିର୍ବାଚନ କିଭଳି ସୁରୁଖୁରୁରେ ଅନୁଷ୍ଠିତ ହେବ ସେନେଇ ଶୁକ୍ରବାର ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ବୁଦ୍ଧଖୋଲ କଲ୍ୟାଣ ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲାର ସାନଖେମୁଣ୍ଡି, ସୋରଡ଼ା, ଭଞ୍ଜନଗର ଓ ପୋଲସରା ନିର୍ବାଚନ ମଣ୍ଡଳୀକୁ ନେଇ ଅନୁଷ୍ଠିତ ବୈଠକରେ ପଶୁସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଭାଜପା ଘୁମୁସର ଜିଲା କାର୍ଯକାରୀ ସଭାପତି ବିଜୟ କୁମାର ସ୍ୱାଇଁ, ସାନଖେମୁଣ୍ଡି ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ, ଜିଲା ଭାଜପା ଉପସଭାପତି ପ୍ରଭାକର ପଣ୍ଡା, ଯୁବ ସଭାପତି ଦୀପକ କୁମାର ପ୍ରଧାନ, ଯୁବ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ନଗର ଭାଜପା ସଭାପତି କେଦାରନାଥ ମହାରଣା, ନଗର ମହିଳା ସଭାନେତ୍ରୀ ଡି.ରେଶ୍ମା ପାତ୍ରଙ୍କ ସମେତ ବହୁ ଆଗଧାଡ଼ିର ନେତା ଓ କର୍ମୀ ଉପସ୍ଥିତ ଥିଲେ। ବୈଠକରେ ଚାରି ନିର୍ବାଚନ ମଣ୍ଡଳୀର ମଣ୍ଡଳ ସଭାପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତ ଥିଲା। ଏହି ଅବସରରେ ବଂଶଲଙ୍କୁ ଓଡ଼ିଶାର ଦ୍ୱିତୀୟ ଅର୍କ କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଥିବା ବୁଗୁଡ଼ାର ବିରଞ୍ଚି ନାରାୟଣ ମନ୍ଦିର ନିକଟରେ ଭାଜପା ତରଫରୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ସେ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସେ ବୁଦ୍ଧଖୋଲର ଅପାଶୋରା ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ବିଭୋର ହୋଇଯାଇଥିଲେ।

### ନୂଆପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଦୁର୍ନୀତି

## ଅନଶନରେ ବସିଲେ ସାମାଜିକ କର୍ମୀ

ଚିକିଟି, ୧୩।୧୨ (ପ୍ରକାଶ ଚନ୍ଦ୍ର ସାହୁ)

ନୂଆପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଦୁର୍ନୀତି ନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସାମାଜିକ କର୍ମୀ ହୃଷିକେଶ ନାୟକ ଶୁକ୍ରବାର ଅନଶନରେ ବସିଥିଲେ। ତେବେ ପ୍ରଶାସନିକ ଅଧିକାରୀମାନେ ତାଙ୍କ ନିକଟରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ସେ ଅନଶନରୁ ଉଠିଥିଲେ।

ଖବରରୁ ଜଣାପଡିଛି, ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ୧୯୪୧ରେ ସ୍ଥାପିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ବ୍ୟାପକ ଦୁର୍ନୀତି ଚାଲିଥିଲା। ଏହାର ପ୍ରତିବାଦରେ ନୂଆପଡା ଗ୍ରାମର ସାମାଜିକ କର୍ମୀ ହୃଷିକେଶ ନାୟକ ୨୨।୮।୨୪ରେ ମୁଖ୍ୟମନ୍ତ୍ରୀ, ବିଧାୟକଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ପୁଣି ୨୨।୯।୨୪ରେ ପୁଣି ଲିଖିତ ଅଭିଯୋଗ କରିଥିଲେ। ଏକ


ଅନଶନରେ ବସିଥିବା ସାମାଜିକ କର୍ମୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ମାସ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହୁଏ ତା'ହେଲେ ୬।୧୧।୨୪ ରେ ବିଦ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିଲେ। ୫।୧୧।୨୪ରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ଏବଂ ଗ୍ରାମର କିଛି ମୁଖିଆଙ୍କ ସହ ଆଲୋଚନା କରି ୧୫ ଦିନ ମଧ୍ୟରେ ବିଭିନ୍ନ ଅଭିଯୋଗଗୁଡ଼ିକ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ହୃଷିକେଶ ଆମରଣ ଅନଶନ ସ୍ଥଗିତ ରଖିଥିଲେ। ମାତ୍ର ଏକ ମାସ ବିତିଯାଇଥିଲେ ସୁଦ୍ଧା ଏହାର କୌଣସି ତଦନ୍ତ ହୋଇନାହିଁ। ଫଳରେ ଶୁକ୍ରବାର ବିଦ୍ୟାଳୟ ସମ୍ମୁଖରେ ହୃଷିକେଶ ଆମରଣ ଅନଶନ ବସିଥିଲେ। ଦୀର୍ଘ ୩ ଘଣ୍ଟା ଧରି ବସିବା ପରେ ଖବର ପାଇ ତହସିଲଦାର କହଁର, ବିଡିଓ ଲକ୍ଷ୍ମନ ସୋରେନ, କ. ନୂଆଗାଁ ଥାନା ଅଧିକାରୀ କିଶୋର ସାମଲ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ସହ ପିଲାମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ହେରଫେର, ଏନସିସି, କ୍ରୀଡା ପାଇଁ ଆସୁଥିବା ସରକାରୀ ଅନୁଦାନ ସହ ଅନ୍ୟାନ୍ୟ ବିଭିନ୍ନ ଦୁର୍ନୀତି ନେଇ ତାଙ୍କ ସହ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେ ଅନଶନରୁ ଓହରିଥିଲେ।

### ଏମ୍‌ପିଙ୍କ ପଦକ୍ଷେପକୁ ଭାଜପା ଯୁବ ମୋର୍ଚ୍ଚାର ପ୍ରଶଂସା

ଫୁଲବାଣୀ, ୧୩।୧୨ (ରାକେଶ କୁମାର ରାଉତ)

କନ୍ଧମାଳକୁ ରେଳ ପଥ ସଂଯୋଗ ନେଇ ଏମ୍‌ପି ନେଇଥିବା ପଦକ୍ଷେପ ପାଇଁ କନ୍ଧମାଳ ଜିଲା ଭାଜପା ଯୁବ ମୋର୍ଚ୍ଚା ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କୁ ଶୁକ୍ରବାର ଶୁଭେଚ୍ଛା ଜଣାଇଛନ୍ତି। ଏମ୍‌ପି ପାଣିଗ୍ରାହୀ ଲାଞ୍ଜିଗଡ–ବ୍ରହ୍ମପୁର ଭାୟା ଫୁଲବାଣୀ ରେଳ ଲାଇନ ଆସିବା ପ୍ରସଙ୍ଗରେ ବାରମ୍ବାର ସଂସଦ ଅଧିବେଶନରେ ସ୍ୱର ଉଠାଇ ଆସୁଥିଲେ। ଏମ୍‌ପିଙ୍କ ଦାବିକୁ କେନ୍ଦ୍ର ସରକାର ଗ୍ରହଣ କରି ଏହା ଉପରେ ପଦକ୍ଷେପ ନେଇଛନ୍ତି। ଏହାର ସର୍ଭେ ପାଇଁ ଟେଣ୍ଡର ଓରିଜିଲ ସଂସ୍ଥାକୁ ମିଳିଥିବା ଯୁବ ମୋର୍ଚ୍ଚା ସଭାପତି ମୁକ୍ତିକାନ୍ତ ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଜଗନ୍ନାଥ ସାହୁ, ଚନ୍ଦ୍ର ପଣ୍ଡା, ଭିକି ପ୍ରଧାନ, ଅମରେନ୍ଦ୍ର ବେହେରା, ରତନ ଚୌଧୁରୀ, ପ୍ରଶାନ୍ତ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦାରିଙ୍ଗବାଡ଼ି ଗସ୍ତରେ ସମିତିସଭ୍ୟ ମହାସଂଘର ୭ ଜଣିଆ ଟିମ୍

### ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା

ଦାରିଙ୍ଗବାଡ଼ି, ୧୩।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ସମିତିସଭ୍ୟାସଭ୍ୟ ମହାସଙ୍ଘର ୭ଜଣିଆ ଟିମ୍ ଦାରିଙ୍ଗବାଡ଼ି ଗସ୍ତ କରିଛନ୍ତି। ଦଳରେ ମହାସଙ୍ଘର ଜିଲ୍ଲା ସଭାପତି ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ଉପସଭାପତି ଜୁନେସ ଦିଗାଲ, ସାଧାରଣ ସମ୍ପାଦକ କିରାପ ପ୍ରଧାନ, କୋଷଧ୍ୟକ୍ଷ ପାରେଶ୍ୱର କଂହର, ବରିଷ୍ଠ ଉପଦେଷ୍ଟା ଦୟାନିଧି ମଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଜାନକୀ କହ୍ନର ପ୍ରମୁଖ ରହିଛନ୍ତି। ସେମାନେ ଦାରିଙ୍ଗବାଡ଼ି ବ୍ଲକ ଫ୍ଲିହେରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବା ପରେ ସଭାପତି ସାଧୁ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ସମିତିସଭ୍ୟାସଭ୍ୟଙ୍କ ବିଭିନ୍ନ ସମସ୍ୟା ଓ ପୂର୍ବରୁ ମହାସଙ୍ଘ ପକ୍ଷରୁ କରାଯାଇଥିବା ୧୨ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଏହି ଟମ୍ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମକୁ ଯାଇ ଆମ୍ବ ଟାକୁଆ ବାସି ଖାଦ୍ୟ ଖାଇ ୩ ଜଣଙ୍କ ମୃତ୍ୟୁ ଘଟଣାରେ ପୀଡିତାଙ୍କ ପରିବାର ଲୋକଙ୍କୁ ଭେଟିବା ସହ ସହାୟତା ପ୍ରଦାନ କରିବୁ ବୋଲି କହିଛନ୍ତି। ଗସ୍ତ ବେଳେ ସ୍ଥାନୀୟ ସମିତିସଭ୍ୟ ଅକ୍ଷୟ ନାୟକ, ଅରୁଣ ଗୌଡ଼, କାଳିପ୍ରସାଦ ମଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ ଓ ଫ୍ଲିହେରି ସରପଞ୍ଚ ପାଉଲ ପ୍ରଧାନ ଉପସ୍ଥିତ ଥିଲେ।


ବୈଠକରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ୭ ଜଣିଆ ଟିମ୍।

## ଶିକ୍ଷକଙ୍କୁ ବଦଳି ପ୍ରତିବାଦରେ ସ୍କୁଲରେ ତାଲା

### ଖଜୁରୀପଡା ପ୍ରାଥମିକ ବିଦ୍ୟାଳୟ

ଫିରିଙ୍ଗିଆ, ୧୩। ୧୨ (ବିମଳ ଦିଗାଲ)

ଫିରିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଖଜୁରୀପଡା ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟକୁ ନିୟମିତ ଶିକ୍ଷୟିତ୍ରୀ ଶିକ୍ଷକ ଆସୁନଥିବା ଏବଂ ନୂତନ ଭାବେ ବିଦ୍ୟାଳୟରେ ଯୋଗ ଦେଇଥିବା ଶିକ୍ଷକଙ୍କୁ ୫ ଦିନ ଭିତରେ ଅନ୍ୟତ୍ର ବଦଳି କରିଯିବା ପ୍ରତିବାଦରେ ଅଭିଭାବକ ଏବଂ ଗ୍ରାମବାସୀ ଶୁକ୍ରବାର ବିଦ୍ୟାଳୟରେ ତାଲା ପକାଇଥିଲେ। ଏହି ବିଦ୍ୟାଳୟରେ ୨ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ସେମାନେ ନିୟମିତ ବିଦ୍ୟାଳୟକୁ ଆସୁନହାନ୍ତି। ଅଭିଭାବକଙ୍କ ଗ୍ରାମବାସୀ ଓ ବିଦ୍ୟାଳୟ ସଭାପତି ହେମନ୍ତ କହଁର ବିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ବିଇଓ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ।


ବିଦ୍ୟାଳୟରେ ତାଲା ପକାଇଥିବା ଅଭିଭାବକ ଓ ଗ୍ରାମବାସୀ। ବାହାରେ ଅପେକ୍ଷା କରିଛନ୍ତି ଛାତ୍ରୀଛାତ୍ର।

ଏସମ୍ପର୍କରେ ଖବର ପ୍ରକାଶ ପରେ ଗତ ୨ରେ ବିଇଓଙ୍କ କାର୍ଯ୍ୟାଳୟ ରମେଶ କହଁରଙ୍କୁ ଶିକ୍ଷକ ରୂପେ ବିଦ୍ୟାଳୟରେ ନିଯୁକ୍ତି ଦେଇଥିଲା। ବିଦ୍ୟାଳୟକୁ କହଁର ଆସି ମାତ୍ର ୨ ଦିନ ପାଠ ପଢ଼ାଇଥିବା ବେଳେ ପୁଣି ୭ରେ ତାଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଅଭିଭାବକ ଓ ଗ୍ରାମବାସୀ ଏହା ଜାଣି ବିଦ୍ୟାଳୟରେ ତାଲା ପକାଇଥିଲେ। ବିଦ୍ୟାଳୟରେ ତାଲା ପଡିଥିବାରୁ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ବାହାରେ ରହିଥିଲେ। ଏବିଇଓ ଶିବାଜୀ କହଁର ଏବଂ ସିଆରସିସି ରାଜେଶ ନାୟକ ଖବର ପାଇ ବିଦ୍ୟାଳୟରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ସେମାନେ କିଛି ନଶୁଣି ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଜିଦ ଧରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ଉଭୟ ଅଧିକାରୀ ପୁଣି ଶିକ୍ଷକ କହଁରଙ୍କୁ ଫେରାଇ ଆଣିବାକୁ ଲିଖିତ ପ୍ରତିଶ୍ରୁତି ଦେବାରୁ ବିଦ୍ୟାଳୟରୁ ତାଲା ଖୋଲିଥିଲା।

### ମୋହନା ମହୋତ୍ସବ

ମୋହନା, ୧୩।୧୨ (ମନ୍ମଥ ମିଶ୍ର)

ଦୁଇଦିନ ଧରି ଚାଲିଥିବା ମୋହନା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ରୂପେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଓ ସମ୍ମାନିତ ଅତିଥି ରୂପେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଯୋଗଦେଇ ମୋହନାର କଳା ସଂସ୍କୃତି ଓ କଳାକାରଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଗୁରୁବାର ଏହି ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଜିଲ୍ଲା ବନ ଅଧିକାରୀ ଏସ. ଆନନ୍ଦ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ମୋହନା ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ମଳିକ, ଚନ୍ଦ୍ରଗିରି ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବିଷୋୟୀ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ଉପାଧ୍ୟକ୍ଷା ବାଲ୍ମୀନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




## ସଂକ୍ଷେପରେ

### ନାବାଳିକାଙ୍କୁ ଯୌନ ନିର୍ଯାତନା, ଜଣେ ଗିରଫ

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଏକ ସାହିରେ ଜଣେ ୯ ବର୍ଷୀୟ ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସତ୍ୟବାଦୀ ଗୌଡ଼(୬୦)ଙ୍କୁ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ଅପରାହ୍ନରେ ନାବାଳିକା ଜଣଙ୍କ ନିଜ ସାଙ୍ଗ ସହ ଖେଳୁଥିବା ବେଳେ ସେହି ସାହିର ସତ୍ୟବାଦୀ ତାଙ୍କୁ ରୁମାଲ ଦେବା ବାହାନାରେ ଘରକୁ ଡାକି ନେଇ ଯୌନ ନିର୍ଯାତନା ଦେଇଥିଲେ। ନାବାଳିକା ଜଣଙ୍କ ଚିତ୍କାର କରି ଘରକୁ ଫେରିଥିଲେ। ପରେ ପୀଡ଼ିତାଙ୍କ ପରିବାର ଥାନାକୁ ଆସି ଏ ନେଇ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗ: ସ୍ୱାମୀ ଗିରଫ

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ସହ ଆକ୍ରମଣ ଅଭିଯୋଗରେ ମହିଳା ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ନିମଖଣ୍ଡି ଥାନା ଅଞ୍ଚଳର ଅକ୍ଷୟ କୁମାର ନାଇକ(୪୦)। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୀପ୍ତି ନାୟକ କିଛି ବର୍ଷ ପୂର୍ବେ ଅକ୍ଷୟଙ୍କୁ ବିବାହ କରିଥିଲେ। ଅକ୍ଷୟ ସ୍ତ୍ରୀ'ଙ୍କୁ ବାପା ଘରୁ ଅଧିକ ଯୌତୁକ ଆଣିବାକୁ ବାଧ୍ୟ କରିଥିଲେ। ବାପାଙ୍କୁ ଆର୍ଥିକ ସ୍ଥିତି ଭଲ ନଥିବା ଦୀପ୍ତି କହିଥିଲେ। ଗୁରୁବାର ସ୍ତ୍ରୀ'ଙ୍କ ସହ ଅକ୍ଷୟ ଝଗଡା କରି ତାଙ୍କୁ ଆକ୍ରମଣ କରିଥିଲେ। ଦୀପ୍ତି ମେଡ଼ିକାଲରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୨୫/୨୪ରେ ଏକ ମାମଲା ରୁଜୁ କରିଥିଲା।

### ୨୪ରେ କଳାକାର ପ୍ରତିବାଦ ଶୋଭାଯାତ୍ରା

ବ୍ରହ୍ମପୁର,୧୩।୧୨(ସ୍ମୃତି ରଞ୍ଜନ ମହାଲିକ)

ଜିଲା ବରିଷ୍ଠ କଳାକାର ସଂଘର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ପ୍ରକାଶମ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଡା ତିରୁପତି ସାହୁ ଅଧ୍ୟକ୍ଷତା କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଉପସଭାପତି ଶଙ୍କର୍ଷଣ ସାବତ ଯୋଗ ଦେଇଥିଲେ। ସଂପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ ସମାଜ ସଂସ୍କାରକ ଭଳି ଏକ ମହାନ ବୃତ୍ତିକୁ କଳାକାର ସମାଜ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ସରକାରୀ କଳ ଦ୍ୱାରା କିଭଳି ଉପେକ୍ଷା କରାଯାଉଛି। ତେଣୁ ଆସନ୍ତା ୨୪ ତାରିଖରେ କଳାକାର ପ୍ରତିବାଦ ଶୋଭାଯାତ୍ରା କରାଯିବ। ଏହି ଶୋଭାଯାତ୍ରା ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ନିକଟରୁ ବାହାରି ଦକ୍ଷିଣାଚଂଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟରେ ପହଂଚିବ। ବିଭିନ୍ନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ସ୍ମାରକପତ୍ର ଦିଆଯିବ। କଳାକାର ସହାୟତା ଯୋଜନାକୁ ସଂସ୍କୃତି ବିଭାଗ କଳାକାର ଭତ୍ତାରେ ରୂପାନ୍ତରିତ, ଉଭୟ କେନ୍ଦ୍ର ଓ ରାଜ୍ୟ କଳାକାର ଭତ୍ତା ବୃଦ୍ଧି ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସଂଘର ଦିନ ପଞ୍ଜିକା ଲୋକାର୍ପିତ ହୋଇଥିଲା। ଦେବେନ୍ଦ୍ର ପ୍ରସାଦ ଶର୍ମା, କଳାପ୍ରାଣ କୈଳାସ ପାଣିଗ୍ରାହୀ, ଟି ତାରିଣୀ ରାଓ, ସୁରେନ୍ଦ୍ର ପ୍ରଧାନ ଓ ହରିଶ୍ଚନ୍ଦ୍ର ବରଡଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଗଞ୍ଜାମରେ ୧୦୪୮ ଏଡ୍‌ସ ଆକ୍ରାନ୍ତ ଗର୍ଭବତୀ

## ଇଏମଟିସିଟି ଗର୍ଭସ୍ଥ ଶିଶୁଙ୍କ ସଞ୍ଜୀବନୀ

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଏଡ୍‌ସର ମୁକାବିଲା ପାଇଁ ସରକାରୀ ଉଦ୍ୟମ ଜାରି ରହିଛି। ସଚେତନତା ସତ୍ତ୍ୱେ ଏଡ୍‌ସ ରୋଗୀଙ୍କୁ ଏବେ ବି ସମାଜରେ ଘୃଣ୍ୟ ଚକ୍ଷୁରେ ଦେଖାଯାଉଛି। ଏଡ୍‌ସ ଆକ୍ରାନ୍ତ ହେବା ପରେ ଯଦି ଜଣେ ମହିଳା ଗର୍ଭବତୀ ହେଉଛନ୍ତି, ଗର୍ଭସ୍ଥ ଶିଶୁ ପାଇଁ ମଧ୍ୟ ବିପଦ ସୃଷ୍ଟି ହେଉଛି। ତେଣୁ ମା' ଠାରୁ ଗର୍ଭସ୍ଥ ଶିଶୁକୁ ସଂକ୍ରମଣରୁ ରକ୍ଷା ପାଇଁ ନୂତନ ଚିକିତ୍ସା ପଦ୍ଧତି ରହିଛି। ଏଲିମିନେଶନ ଅଫ ମଦର୍ ଟୁ ଚାଇଲ୍ଡ ଟ୍ରାନ୍ସମିସନ (ଇଏମଟିସିଟି) କାର୍ଯ୍ୟକ୍ରମ ଜରିଆରେ ଏହା ସମ୍ଭବ ହୋଇପାରିଛି। ତେଣୁ ଏହି କାର୍ଯ୍ୟକ୍ରମ ଏଚଆଇଭି ସଂକ୍ରମିତ ମା'ଙ୍କ ଗର୍ଭରେ ବଢୁଥିବା ଶିଶୁ ପାଇଁ ସଞ୍ଜିବନୀ ପାଲଟିଛି। ଗଞ୍ଜାମ ଜିଲାରେ ୨୦୦୮ରୁ ୨୦୨୪ ଅକ୍ଟୋବର ସୁଦ୍ଧା ମୋଟ ୧୦୪ ଜଣ ଏଚଆଇଭି ସଂକ୍ରମିତ ଗର୍ଭବତୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଜିଲା ଏଡ୍‌ସ ସେଲ ତରଫରୁ ମାଗଣା ଚିକିତ୍ସା ସୁବିଧା ସହ ଔଷଧ ଦିଆଯାଉଛି। ବିଶେଷ କରି ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ଅଧିକାଂଶ ପୁରୁଷ ଏଚଆଇଭି ସଂକ୍ରମିତ ହେଉଛନ୍ତି। ସଚେତନତା ଅଭାବରୁ ସେମାନେ ରୋଗ ସମ୍ପର୍କରେ ଜାଣିପାରୁନାହାନ୍ତି। ଚିକିତ୍ସା ଅବହେଳାରୁ ରୋଗ ବି ବଢ଼ିଯାଉଛି। ପରେ ସ୍ୱାମୀଙ୍କ ଠାରୁ ସ୍ତ୍ରୀ ସଂକ୍ରମିତ ହେଉଛନ୍ତି। ପରବର୍ତ୍ତୀ ସମୟରେ ମହିଳା ଗର୍ଭବତୀ ହେବା ପରେ ଗର୍ଭସ୍ଥ ଶିଶୁ ପାଇଁ ମଧ୍ୟ ବିପଦ ସୃଷ୍ଟି ହେଉଛି। ଗର୍ଭସ୍ଥ ଶିଶୁ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ନ୍ୟାଶନାଲ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି(ନାକୋ) ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଜିଲା ଏଡ୍‌ସ ସେଲ ଅଧିକାରୀ ହେମନ୍ତ କୁମାର ଦାଶ କହିଛନ୍ତି। ଗର୍ଭବତୀ ପଜିଟିଭ ଜଣାପଡିବା ପରେ ତାଙ୍କୁ ୬ମାସ ପର୍ଯ୍ୟନ୍ତ ଔଷଧ ଖାଇବାକୁ ଦିଆଯାଉଛି। ଯଦି ଠିକ ଭାବେ ରୋଗୀ ଜଣଙ୍କ ୬ମାସ ପର୍ଯ୍ୟନ୍ତ ଔଷଧ ଖାଇଥିବେ ତେବେ ପ୍ରସବ ପରେ ଶିଶୁ ଏଚଆଇଭି ସଂକ୍ରମିତ ହେବାର ଆଶଙ୍କା ୫ ପ୍ରତିଶତରୁ ମଧ୍ୟ କମ ରହିଥାଏ। ଜିଲାରେ ଗତ ୨୦୦୮ରୁ ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ୧୦୪୮ ଗର୍ଭବତୀ ଏଚଆଇଭି ସଂକ୍ରମିତ ହୋଇଛନ୍ତି। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୨୪ ଗର୍ଭବତୀ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୦୨୩ରେ ୨୩ ଜଣ ୨୦୨୨ରେ ୩୨ଜଣ, ୨୦୨୧ରେ ୩୩, ୨୦୨୦ରେ ୩୭, ୨୦୧୯ରେ ୩୮ ଓ ୨୦୧୮ ରେ ୨୮ ଜଣ ଚିହ୍ନଟ ହୋଇଥିଲେ। ଲୋକଙ୍କ ମଧ୍ୟରେ ସଚେତନତା ବଢୁଥିବାରୁ ଧୀରେ ଧୀରେ ପଜିଟିଭ ସଂଖ୍ୟା ହ୍ରାସ ପାଉଛି। ଏଣୁ ଗର୍ଭଧାରଣ ପରେ ଏଚଆଇଭି ପରୀକ୍ଷା କରିବାକୁ ସ୍ୱାସ୍ଥ୍ୟ ବିଭାଗ ଆହ୍ୱାନ ଦେଉଛି। ସମସ୍ତ ସରକାରୀ ଡାକ୍ତରଖାନାରେ ମାଗଣାରେ ଏହି ପରୀକ୍ଷା ଉପଲବ୍ଧ। ଗର୍ଭବତୀମାନେ ଏଚଆଇଭି ପରୀକ୍ଷା କରି ନିଜେ ସୁରକ୍ଷିତ ରହିବା ସହ ଗର୍ଭସ୍ଥ ଶିଶୁକୁ ସୁସ୍ଥ ରଖିବାକୁ ବିଭାଗ ପକ୍ଷରୁ ସଚେତନ କରାଯାଉଛି।

### ରାଜ୍ୟ ସବ୍‌ଜୁନିୟର ବାସ୍କେଟ ବଲ୍ ଦଳରେ ବ୍ରହ୍ମପୁରର ୩ ଖେଳାଳି



ମନୋନିତ ହୋଇଥିବା ଖେଳାଳିମାନେ।

ବ୍ରହ୍ମପୁର,୧୩।୧୨(ସ୍ୱାଧୀନ ଶେଖର ପାଢ଼ୀ)

ଆନ୍ତଃରାଜ୍ୟ ପ୍ରତିଯୋଗିତା ପାଇଁ ରାଜ୍ୟ ସବଜୁନିଅର ବାସ୍କେଟବଲ ଦଳରେ ଓଡିଶା ଦଳ ତରଫରୁ ବ୍ରହ୍ମପୁରର ୩ କ୍ରୀଡ଼ାବିତ ମନୋନିତ ହୋଇଛନ୍ତି। ସେମାନେ ହେଲେ ବାଳକ ବିଭାଗରେ ଦିବ୍ୟାଂଶୁ ପାଣିଗ୍ରାହୀ, ଆଦିତ୍ୟ ପଣ୍ଡା ଓ ବାଳିକା ବିଭାଗରେ ଇସିକା ବେହେରା । ଆସନ୍ତା ୧୬ ରୁ ୨୩ ଯାଏଁ ହାଇଦ୍ରାବାଦ ଠାରେ ସବଜୁନିଅର ବାସ୍କେଟବଲ ଟୁର୍ନାମେଣ୍ଟ ହେବ। ବାଳକ ଦଳ ସହ ଶ୍ରୀମନ ନାୟକ କୋଚ ଭାବେ ହାଇଦ୍ରାବାଦ ଗସ୍ତ କରିଛନ୍ତି। ମନୋନୀତ କ୍ରୀଡାବିତମାନେ ମୋର୍ଡେନ ୟୁଥ କ୍ଲବରେ ନିୟମିତ ଅଭ୍ୟାସ କରୁଛନ୍ତି। ଟୁର୍ନାମେଣ୍ଟରେ ସଫଳତା ପାଇଁ କ୍ଲବ ତରଫରୁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଗଞ୍ଜାମ ଜିଲା ମହିଳା, ପୁରୁଷ ବକ୍ସିଂ ଦଳର ରାଉରକେଲା ଯାତ୍ରା



ବକ୍ସିଂ ଦଳରେ ଜିଲାର ପ୍ରତିଯୋଗୀ ଓ ଅନ୍ୟମାନେ।

ବ୍ରହ୍ମପୁର, ୧୩।୧୨(ସ୍ୱାଧୀନ ଶେଖର ପାଢ଼ୀ )

ରାଜ୍ୟସ୍ତରୀୟ ବକ୍ସିଂ ଚାମ୍ପିୟାନସିପରେ ଭାଗନେବା ପାଇଁ ଶୁକ୍ରବାର ଗଞ୍ଜାମ ଜିଲା ମହିଳା, ପୁରୁଷ ବକ୍ସିଂ ଦଳ ରାଉରକେଲା ଯାତ୍ରା କରିଛନ୍ତି। ଆସନ୍ତା ୧୪ଓ ୧୫ ତାରିଖରେ ରାଉରକେଲା ଠାରେ ମହିଳା ଓ ପୁରୁଷ ରାଜ୍ୟସ୍ତରୀୟ ଏଲିଟ ସିନିୟର୍ ବକ୍ସିଂ ପ୍ରତିଯୋଗିତା ହେବ। ଜିଲାର ୧୭ ବକ୍ସର, କୋଚ, ମ୍ୟାନେଜର ଓ ରେଫେରୀ ଜଜ ଏଭଳି ୨୫ ଜଣିଆ ଦଳ ରାଜ୍ୟରାଣୀ ଏକ୍ସପ୍ରେସ ଯୋଗେ ଯାଇଥିବା ଗଞ୍ଜାମ ଆଥଲେଟିକ ଏସୋସିଏସନ ସମ୍ପାଦକ ଜେ. କାମେଶ୍ୱର ରାଓ ଏବଂ ବକ୍ସିଂ ସମ୍ପାଦକ କେ.ପ୍ରଭାକର ରାଓ କହିଛନ୍ତି। ପୁରୁଷଦଳରେ ଏସ.ସାଇ ପ୍ରତାପ, ଧନୁର୍ଜୟ, ପ୍ରବୀଣ କୁମାର ସେଠୀ, ବି.ନୀଳକଣ୍ଠ, ଏସ.ମୁରଲୀ, ବିପିନି ଗୌଡ଼, ଆଦିତ୍ୟ ମହାନ୍ତି, ଅମନ ପାଢ଼ୀ, ସରୋଜ କୁମାର ପଣ୍ଡା, ସିଦ୍ଧାନ୍ତ ତରାଇ କୋଚ ମ୍ୟାନେଜର ଭାବେ ଲିଟୁ ଦାସ, ମୁନା ଗୌଡ଼, ବି.ବୁଲୁ ପାତ୍ର ଏବଂ ମହିଳା ଦଳରେ ଏ.ରିତୁ ରାଓ, ଜ୍ୟୋତି ବେହେରା, ସ୍ମୃତିଶା ପାଣିଗ୍ରାହୀ, ଆୟୁଷ୍ମିତା ପାଣିଗ୍ରାହୀ, ସୁନିତା ଗୌଡ଼, ମନସ୍ୱିନୀ ସାବତ, ଡ଼ି.କୁସୁମା ରେଡ୍ଡୀ ତଥା କୋଚ ମ୍ୟାନେଜର ଭାବେ ଗୌରୀ ପଣ୍ଡା, ଜି.ଯୋଗୀ ନନ୍ଦ ଏହି ଦଳରେ ଅଛନ୍ତି। ପୁନଃ ବକ୍ସିଂ କୋଚ ତଥା ରାଜ୍ୟ ରେଫରୀ ଜଜ୍ ଶିବରାମ ପାତ୍ର, ସ୍ଥାନୀୟ କୋଚ ତଥା ଅନ୍ତର୍ଜାତୀୟ ରେଫରୀ ଜଜ ଶିଶିର କୁମାର ପାଣିଗ୍ରାହୀ ଦଳରେ ସାମିଲ ଅଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡ଼ା
### ଆୟୁଷ, କେ. ରୀତିକା ଚାମ୍ପିୟନ

ଛତ୍ରପୁର,୧୩।୧୨ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନସ୍ଲୋ ମିନି ଷ୍ଟାଡିୟମ ପରିସରରେ ଭାରପ୍ରାପ୍ତ ପ୍ରିନ୍ସିପାଲ ରାଜେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସଦସ୍ୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ୟୋତ୍ସ୍ନା ସାହୁ ଯୋଗଦେଇ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋଚନା କରି ଛାତ୍ରୀଛାତ୍ରମାନେ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁରର ବକ୍ସିଂ ଖେଳାଳି କବିରାଜ ଗୌଡ଼ ଯୋଗ ଦେଇଥିଲେ। ୪୦୦ ମିଟର, ୧୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଶର୍ଟପୁଟ୍ ଥ୍ରୋ, ଖୋ ଖୋ, କବାଡି ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୁରୁଷ ଏବଂ ମହିଳା ଅଭିଭାବକ ଏବଂ ଶିକ୍ଷକମାନଙ୍କ ପାଇଁ ୧୦୦ମିଟରେ ଦୌଡ ଏବଂ ଶର୍ଟପୁଟ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠିତ ସମସ୍ତ କ୍ରୀଡ଼ାର ଚାମ୍ପିୟନ ଛାତ୍ର ଆୟୁଷ ପଟ୍ଟନାୟକ ଏବଂ କେ. ରୀତିକା ହୋଇଥିଲେ। କ୍ରୀଡ଼ା ଶିକ୍ଷକ ରବିନ କୁମାର, ଶିକ୍ଷକ ଅନୀଲ ନାୟକ, ସୁବ୍ରତ ପଧାନ, ସଞ୍ଚିତା ବାନାର୍ଜୀ ଓ ସୁଧାଂଶୁ ଭୂଷଣ ପାଢୀ ସହଯୋଗ କରିଥିଲେ। ହେମନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମିଳିମିଶି ରହିବାକୁ ନବୀନଙ୍କ ପରାମର୍ଶ

### ବ୍ରହ୍ମପୁର ବିଜେଡି କର୍ପୋରେଟରଙ୍କ ଗୋଷ୍ଠୀ କନ୍ଦଳ ଘଟଣା

ବ୍ରହ୍ମପୁର,୧୩।୧୨(ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ବିଜେଡି କର୍ପୋରେଟରମାନେ ଗୋଷ୍ଠୀ କନ୍ଦଳରୁ ଦୂରେଇ ମିଳିମିଶି ରହିବା ଏବଂ ସଂଗଠନକୁ ମଜଭୁତ କରିବାକୁ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଆପୋଷ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ କରିବା ଓ ଗଣମାଧ୍ୟମକୁ ନ ଯିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ନବୀନ ନିବାସରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି ଯୋଗ ଦେଇଥିଲେ। ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଓ ପ୍ରଦୀପ ଅମାତ ଉପସ୍ଥିତ ଥିଲେ।

ଗତ ପ୍ରାୟ ୩ ମାସ ହେବ ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟରଙ୍କ ମଧ୍ୟରେ ଅନ୍ତଃ କନ୍ଦଳ ଦେଖାଦେଇଛି। ଗୋଟିଏ ଗୋଷ୍ଠୀ ମେୟର ଓ ଜିଲା ସଭାପତିଙ୍କ ପଟରେ ଥିବା ବେଳେ ଅନ୍ୟ ଗୋଷ୍ଠୀର ରିମୋଟ ବିକ୍ରମଙ୍କ ହାତରେ ରହିଛି। ଉଭୟ ଗୋଷ୍ଠୀ ତୁହାକୁ ତୁହା ଖବରଦାତା ସମ୍ମିଳନୀ କରି ପରସ୍ପରକୁ ଆରୋପ ଓ ପ୍ରତ୍ୟାରୋପ କରୁଛନ୍ତି। ଏହାକୁ ନବୀନ ନାପସନ୍ଦ କରି ପ୍ରତିକଥାରେ ମିଡ଼ିଆକୁ ନ ଯିବା ପାଇଁ ଚେତାବନୀ ଦେଇଛନ୍ତି। ନବୀନ ନିବାସ ବୈଠକରେ ଜଣେ ବି କର୍ପୋରେଟର ନ ଥିଲେ। ବୈଠକ ପୂର୍ବରୁ ଶଙ୍ଖ ଭବନରେ ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା। ଏଥିରେ ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁଙ୍କ ସମେତ ଜିଲା ସଭାପତି, ପୂର୍ବତନ ବିଧାୟକ, ମେୟର, ଡେପୁଟି ମେୟର ଉପସ୍ଥିତ ଥିଲେ। ମୁଖ୍ୟତଃ ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରିବାକୁ ଆଲୋଚନା ହୋଇଥିଲା।

## ‘ବାଙ୍କ ବାବୁଙ୍କ ବଙ୍କା ଟଙ୍କା’ରେ ଦୁର୍ନୀତି ଧରିବାର କୌଶଳ

ବ୍ରହ୍ମପୁର,୧୩।୧୨(ସ୍ମୃତିରଞ୍ଜନ ମହାଲିକ)

ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟ ସଂସ୍ଥା ପକ୍ଷରୁ ଶୁକ୍ରବାର ହିଲପାଟଣା ସଂସ୍କୃତି ଭବନରେ ଶାଶ୍ୱତୀ ରଙ୍ଗ ମହୋତ୍ସବ ଉଦଘାଟିତ ହୋଇଛି। ଏଥିରେ ସଂସ୍ଥା ସଭାପତି ରାମଚନ୍ଦ୍ର ସାସମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ରୂପେ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଡ ସିଦ୍ଧାର୍ଥ ଶଙ୍କର ପାଢି ଓ ନାଟ୍ୟକାର ଡା ତିରୁପତି ସାହୁ ଯୋଗ ଦେଇଥିଲେ। ଉଦଘାଟନୀ ସନ୍ଧ୍ୟାରେ ୨ ନାଟକ ମଂଚସ୍ଥ ହୋଇଥିଲା। ଭୁବନେଶ୍ୱର ଯାଆଁଳା ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ଶ୍ରୀବତ୍ସ ମହାନ୍ତିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ‘ମରୀଚିକା’ ମଂଚସ୍ଥ ହୋଇଥିଲା। ବୃଦ୍ଧ ବୟସରେ ସାହାରା ପାଇଁ ପୁଅଟିଏ ପାଇବାକୁ ମା ବାପା ବିଭିନ୍ନ ବ୍ରତ କରିଥାନ୍ତି। କିନ୍ତୁ ଆଜିକାଲି ସନ୍ତାନଙ୍କ ଦ୍ୱାରା ମାତାପିତା କିଭଳି ନିର୍ଯାତିତ ହେଉଛନ୍ତି ତାହା ଥିଲା ନାଟକର ବିଷୟବସ୍ତୁ। ନାଟକରେ ବିନୟ ଦାସ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଶାଶ୍ୱତୀ ସଂସ୍ଥା ପକ୍ଷରୁ ରବି ନାରାୟଣ ବେହେରାଙ୍କ ରଚିତ ‘ବାଙ୍କ ବାବୁଙ୍କ ବଙ୍କା ଟଙ୍କା’ ମଂଚସ୍ଥ ହୋଇଥିଲା। ଦୁର୍ନୀତି ଧରିବା ପାଇଁ ବିଭିନ୍ନ କୌଶଳ ନାଟକରେ ଉପସ୍ଥାପିତ ହୋଇଥିଲା। ଏଥିରେ ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଶିବ ଶଙ୍କର ପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ନବୀନ ହୋତା, ଶିବ ପ୍ରସାଦ ରେଡି, ସୁନୀଲ ସ୍ୱାଇଁ, ପ୍ରଦୀପ ପଣ୍ଡା, କୈଳାସ ପାଣିଗ୍ରାହୀ ଓ ସାଗରିକା ଆଚାର୍ଯ୍ୟ ପ୍ରମୁଖ ଅଭିନୟ କରିଥିଲେ। ରାଜଗୋପାଳ ପାଢି, ପି. ଲକ୍ଷ୍ମୀ ନାରାୟଣ ପାତ୍ର, ଆରତୀ ସାମଲ, ଯଶୋଦା ବେହେରା, ବିଜୟ ଲକ୍ଷ୍ମୀ ପାଢି ଓ ସଂସ୍ଥାର ବହୁ ସଦସ୍ୟ ସହଯୋଗ କରିଥିଲେ।



ନାଟକରେ କଳାକାରମାନେ ଅଭିନୟ କରୁଛନ୍ତି।

### ମହିଳାଙ୍କୁ ପ୍ରତାରଣା: ଯୁବକ ଗିରଫ

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ବିଧବା ମହିଳାଙ୍କ ସହ ଶାରିରୀକ ସମ୍ପର୍କ ରଖିବା ସହ ପରେ ପ୍ରତାରଣା ଅଭିଯୋଗରେ ବଡବଜାର ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଗୋଳନ୍ଥରା ଥାନା ପଞ୍ଚମାର ଜଗନ୍ନାଥ ମଣ୍ଡଳ (୨୭)। ମାମଲା ନଂ ୪୨୯/୨୪ରେ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ବଡବଜାର ଥାନା ଅଞ୍ଚଳର ଅଭିଯୋଗକାରୀ ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ସେ ଏକାକୀ ରହୁଥିଲେ। ଏଭଳି ସ୍ଥିତିରେ ଜଗନ୍ନାଥ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ହେଲେ ଗତ ୫ ତାରିଖରେ ଜଗନ୍ନାଥ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଏ ନେଇ ମହିଳା ଜଣଙ୍କ ପଚାରିବାରୁ ସେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ।

## ୧୫ ବର୍ଷ ପରେ ନ୍ୟାୟ ପାଇଲେ ନବେ ବର୍ଷୀୟ ଦମ୍ପତି

ଛତ୍ରପୁର,୧୩।୧୨ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ସାମାନ୍ୟ ଅଳିଆ ପକାଇବାକୁ ନେଇ ଛତ୍ରପୁର ଥାନା ଅନ୍ତର୍ଗତ ହଂସପୁରରେ ଘଟିଥିବା ଗଣ୍ଡଗୋଳ ମାମଲାର ବିଚାର କରି ଛତ୍ରପୁର ଏସଡ଼ିଜେଏମ ପ୍ରୀତିଶ କୁମାର ରଥ ୨ ଅଭିଯୁକ୍ତ ପୁଟିଆପଦର ଗ୍ରାମର ଶାନ୍ତି ପ୍ରଧାନ ଓ ବାସନ୍ତୀ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୪ ଅନୁଯାୟୀ ଚେତାବନୀ ଦେଇ ସେମାନେ ଜିଲା ପ୍ରୋବେଶନ ଅଧିକାରୀଙ୍କ ନଜରରେ ଏକ ବର୍ଷ ପର୍ଯ୍ୟନ୍ତ ନଜରବନ୍ଦୀ ରହିବେ। ଜିଲା ପ୍ରୋବେଶନ ଅଧିକାରୀ ଏନେଇ ଏକ ଶୃଙ୍ଖଳାଗତ ରିପୋର୍ଟ ପ୍ରଦାନ କରିବେ ବୋଲି ବିଚାରପତି ଶୁକ୍ରବାର ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡ଼ର ଏପିପି ରାଜେଶ ମିଶ୍ର ମାମଲା ପରିଚାଳନା କରୁଥିଲେ।

୨୦୦୯ ଜାନୁଆରୀ ୧୭ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀ ଲାବଣ୍ୟ ପ୍ରଧାନଙ୍କ ଶାଶୁ ତାଙ୍କ ଘରେ ଏକା ଥିବା ସମୟରେ ସାମାନ୍ୟ ଅଳିଆ ପକାଇବାକୁ କେନ୍ଦ୍ର କରି ଅଭିଯୁକ୍ତ ଦାସ ସେଠୀ, ବାସନ୍ତୀ ପ୍ରଧାନ, ଶାନ୍ତି ପ୍ରଧାନ, ଯମୁନା ସେଠୀ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ଲାବଣ୍ୟ, ତାଙ୍କ ଝିଅ, ଶ୍ୱଶୁର ଉକ୍ତ ସ୍ଥାନରେ ପହଞ୍ଚି ଏହାକୁ ବିରୋଧ କରି ସେମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କ ମୁଣ୍ଡକୁ କ୍ଷତାକ୍ତ କରିଥିଲେ। ନାବାଳିକା ଝିଅକୁ ମାଡ଼ ମାରି ଅଚେତ କରିଦେଇଥିଲେ। ବୃଦ୍ଧା ଶାଶୁ ଓ ଶ୍ୱଶୁରଙ୍କୁ ଠେଙ୍ଗାରେ ପିଟି ରକ୍ତାକ୍ତ କରି ପଳାଇଥିଲେ। ଲବଣ୍ୟ ଛତ୍ରପୁର ଥାନାରେ ୧୮/୨୦୦୯ରେ ଅଭିଯୋଗ କରିଥିଲେ। ଏହି ମାମଲା ୧୫ବର୍ଷ ଧରି ନ୍ୟାୟାଳୟରେ ପଡିରହିଥିଲା। ଚଳିତବର୍ଷ ମାମଲା ସାମନାକୁ ଆସିବା ପରେ ଦ୍ରୁତ ପଦକ୍ଷେପ ସ୍ୱରୂପ ଚାର୍ଜଫ୍ରେମ ହୋଇ ସେପ୍ଟେମ୍ବରରେ ବିଚାର ଆରମ୍ଭ ହୋଇଥିଲା। ମାମଲାର ପ୍ରତ୍ୟକ୍ଷଦର୍ଶୀ ତଥା ଭୁକ୍ତଭୋଗୀ ବୃଦ୍ଧ ଯାହାଙ୍କୁ ଏବେ ୯୦ବର୍ଷ ଓ ବୃଦ୍ଧା ୮୫ ବର୍ଷ ଉଭୟେ ନ୍ୟାୟପାଇବା ପାଇଁ ଅପେକ୍ଷାରତ ଥିବା ଜଣାପଡିଥିଲା। ମାମଲାର ବିଚାର ବେଳେ ୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଶାନ୍ତି ଓ ବାସନ୍ତୀଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଦେଇଥିଲେ। ଅନ୍ୟ ଅଭିଯୁକ୍ତ ଯମୁନା ସେଠୀଙ୍କ ମୃତ୍ୟୁ ହୋଇସାରିଛନ୍ତି ଏବଂ ଅଭିଯୁକ୍ତ ଦାସ ସେଠୀ ଏଯାଏ ଫେରାର ଅଛନ୍ତି।

# ୮୪ ମଦଭାଟି ଭାଙ୍ଗିଲା ପୋଲିସ

ଖଲ୍ଲିକୋଟ,୧୩।୧୨(ପ୍ରଶାନ୍ତ କୁମାର ମିଶ୍ର)

- ୨୦ ଗିରଫ, ବ୍ୟାପକ ସରଞ୍ଜାମ ଓ ୨ ବନ୍ଧୁକ ଜବତ
- ରାସ୍ତା ଅବରୋଧ କରି ପ୍ରତିବାଦ କଲେ ଆସିବାସୀ

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ବାଦପଲ୍ଲୀ ଓ ଡିମିରିଆ ପଞ୍ଚାୟତରେ ଦୀର୍ଘ ବର୍ଷ ହେଲା ଦେଶୀ ମଦ ପ୍ରସ୍ତୁତ କରାଯାଇ ବାହାରକୁ ଚାଲାଣ ହେଉଥିଲା। ଏହାକୁ ବନ୍ଦ କରିବା ପାଇଁ ସବୁବେଳେ ଦାବି ହୋଇ ଆସୁଥିଲା। ପୂର୍ବରୁ କେତେଥର ଅବକାରୀ ବିଭାଗ ଚଢ଼ାଉ କରିଥିଲେ ମଧ୍ୟ ଆଦିବାସୀଙ୍କ ବିରୋଧ ଓ ପ୍ରତି ଆକ୍ରମଣ ଯୋଗୁ ସୁଫଳ ମିଳୁ ନ ଥିଲା।

ଅବକାରୀ ବିଭାଗକୁ କୌଣସି ସୂଚନା ନ ଦେଇ ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଶୁକ୍ରବାର ବହୁ ସଂଖ୍ୟକ ପୋଲିସ ବାଦପଲ୍ଲୀ ପଞ୍ଚାୟତରେ ପଶି ପ୍ରାୟ ୮୪ ଟି ମଦ ଭାଟି ଭାଙ୍ଗିଥିଲେ। ପଞ୍ଚାୟତର ଗୁଣ୍ଠୁରୀପଲ୍ଲୀ, ମରେଇ ନୂଆଁଗାଁ, ନୂଆପଲ୍ଲୀ, ବାଦପଲ୍ଲୀ, ଦେବୀଝର, କମାରସିଂ ଓ ଛକାସିଂ ଆଦି ଗ୍ରାମରେ ଥିବା ମଦଭାଟିଗୁଡିକ ଭଙ୍ଗାଯାଇଥିଲା। ଆଦିବାସୀ ୨ ଲକ୍ଷ ଲିଟର ମହୁଲ ପୋଚ ଓ ପୋଚ ଗଚ୍ଛିତ କରି ରଖିଥିବା ୮୦୦ ପ୍ଲାଷ୍ଟିକ ଡ୍ରମ ନଷ୍ଟ ହୋଇଥିଲା। ସେହିପରି ୧୩୫ଟି ମଦ ରନ୍ଧା ଡ଼େକଚି, ୪୦୨ଟି ପ୍ଲାଷ୍ଟିକ ଡ୍ରମ, ୧୩ ବସ୍ତା ମହୁଲ, ୩୫୦୦ ଲିଟର ଦେଶୀ ମଦ ଓ ଦୁଇଟି ଦେଶୀ ବନ୍ଧୁକ, ଦୁଇଟି ବାଇକ, ୫ଟି ପାଣିମୋଟର ପୋଲିସ ଜବତ କରିଥିବା ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଖଲ୍ଲିକୋଟ ଥାନାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଆଗକୁ ଡିମିରିଆ ପଞ୍ଚାୟତର ଗୁହାରିଆପାଟ, ସାକିରୀ ଆଦି ଅଞ୍ଚଳରେ ଚଢ଼ାଉ କରାଯିବ ବୋଲି ଏସପି କହିଛନ୍ତି। ଚଢ଼ାଉରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ, ୨୦ ଜଣ ଆଇଆଇସି, ୩ ଜଣ ଅତିରିକ୍ତ ଏସପି, ୩ଜଣ ଡ଼ିଏସପି, ଛତ୍ରପୁର ଏସଡିପିଓ ଗୌରହରୀ ସାହୁଙ୍କ ସମେତ ପୁରୁଷୋତ୍ତମପୁର ଓ ଭଞ୍ଜନଗର ଏସଡିପିଓ, ୨୫ ଏସଆଇ ଓ ଏଏସଆଇ ନିୟୋଜିତ ହୋଇଥିଲେ। ତେବେ ଚଢ଼ାଉ କରି ଫେରିବା ବେଳେ ପୋଲିସ କର୍ମଚାରୀ ଆଦିବାସୀଙ୍କ ପ୍ରବଳ ପ୍ରତିବାଦର ସମ୍ମୁଖୀନ ହୋଇଥିଲେ । ସେମାନେ କେଉଁଠି ଗଛ କାଟି ରାସ୍ତା ଅବରୋଧ କରିଥିଲେ ତ ଆଉ କେଉଁଠି ରାସ୍ତା ଖୋଳି, କାଠଗଣ୍ଡି ପକାଇ ରାସ୍ତା ଅବରୋଧ କରିଥିବା ଦେଖାଯାଇଥିଲା। ସେମାନେ କହିଛନ୍ତି ଯେ, ମଦ ବିକ୍ରି କରି ଆମେମାନେ ପରିବାର ପ୍ରତିପୋଷଣ କରୁଥିଲୁ। ଯଦି ସରକାର ମଦ ଭାଟିକୁ ଭାଙ୍ଗିବାକୁ ଚାହୁଁଛନ୍ତି ତା'ହେଲେ ଆମକୁ ପରିବାର ପ୍ରତିପୋଷଣର ଅନ୍ୟ ରାସ୍ତା ଦେଖାନ୍ତୁ ବୋଲି କହିଥିଲେ। ଏହାପରେ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଆଦିବାସୀ ମେଳି ବାନ୍ଧିବା ସହ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ବାସଭବନ ସମ୍ମୁଖରେ ଅଭିଯୋଗ କରିବା ପାଇଁ ପହଞ୍ଚିଥିଲେ। କିନ୍ତୁ ବିଧାୟକ ଅନୁପସ୍ଥିତ ଥିବାରୁ ସେମାନେ ଫେରି ଆସିଥିଲେ।

# ନିର୍ଦ୍ଧାରିତ ଡେସିବଲରୁ ଊର୍ଦ୍ଧ୍ୱ ଶବ୍ଦରେ ବାଜୁଛି ଡିଜେ

ବ୍ରହ୍ମପୁର,୧୩।୧୨(ସ୍ମୃତି ରଞ୍ଜନ ମହାଲିକ): ବିବାହ ଋତୁ ଆରମ୍ଭ ହୋଇଛି। ପ୍ରୋସେସନ ପାଇଁ ପୂର୍ବରୁ ବ୍ୟାଣ୍ଡ ପାର୍ଟିର ଚାହିଦା ଥିବାବେଳେ ଏବେ ଡିଜେ, ଲାଇଟ ଆଣ୍ଡ ସାଉଣ୍ଡ ଆଡକୁ ଆଧୁନିକ ସମାଜ ମୁହାଁଇଛି। ଡିଜେ ଗାଡିରେ ବିଶାଳକାୟ ସାଉଣ୍ଡ ବକ୍ସ ଖଞ୍ଜାଯିବା ସହ ରଙ୍ଗିନ ଆଲୋକୀକରଣ କରାଯାଉଛି। ଡିଜେରୁ ଓଡ଼ିଆ ଓ ହିନ୍ଦୀ ଗୀତ ଉଚ୍ଚ ଶବ୍ଦରେ ବାଜୁଛି। ଡିଜେ ମାଲିକମାନେ ଜିଲା ପ୍ରଶାସନର କଟକଣାକୁ ଖାତିର ନକରି ଉଚ୍ଚ ଶବ୍ଦରେ ବଜାଉଥିବାରୁ ଘରର ଆସବାବପତ୍ର ବି ଥରି ଉଠୁଥିବା ଦେଖିବାକୁ ମିଳୁଛି। ଏପରିକି ହୃଦ୍‌ଘାତ ଥିବା ବୃଦ୍ଧା ଓ ବୃଦ୍ଧ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ଏପରିକି ଅନେକାଂଶ ହୃଦଘାତର ଶୀକାର ମଧ୍ୟ ହେଉଛନ୍ତି। ଡିଜେ ପ୍ରୋସେସନ ପାଇଁ ବ୍ରହ୍ମପୁର ଉପଜିଲାପାଳ ଓ ସ୍ଥାନୀୟ ପୋଲିସ ଥାନାରୁ ଅନୁମତି ଆଣିବା ନିୟମ ରହିଛି। ନିୟମାନୁଯାୟୀ ନିର୍ଦ୍ଧାରିତ ଡେସିବିଲ ସାଉଣ୍ଡରେ ଡିଜେ ବଜାଇବା ପାଇଁ ଉଲେଖ ରହିଛି। କିନ୍ତୁ ଡିଜେ ମାଲିକମାନେ ନିୟମ ଉଲ୍ଲଂଘନ କରିବା ସହ ରାତି ୧୦ଟା ପରେ ମଧ୍ୟ ଡିଜେ ପ୍ରୋସେସନ ଯାଉଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ଡିଜେ ସାଉଣ୍ଡ ନିମନ୍ତେ ଶିଳ୍ପାଞ୍ଚଳ ଅଞ୍ଚଳରେ ଦିନରେ ୭୫ ଡେସି ବେଲ୍, ରାତିରେ ୭୦ ଡେସିବଲ୍, ବାଣିଜ୍ୟିକ ପ୍ରତିଷ୍ଠାନ ଅଞ୍ଚଳରେ ଦିନରେ ୬୫ ଡେସି ବେଲ୍ ଓ ରାତିରେ ୫୫ ଡେସି ବେଲ୍, ରେସିଡେନ୍ସି ଅଞ୍ଚଳରେ ଦିନରେ ୫୫ ଡେସି ବେଲ୍ ଓ ରାତିରେ ୪୫ ଡେସି ବେଲ୍ ଓ ଶାନ୍ତ ବାତାବରଣ ଅଞ୍ଚଳରେ ଦିନରେ ୫୦ ଡେସି ବେଲ୍ ଓ ରାତିରେ ୪୦ ଡେସି ବେଲ ଶବ୍ଦ ପାଇଁ ଡିଜେ ଗୁଡିକୁ ଅନୁମତି ମିଳିଛି। ରାତି ୧୦ଟାପରେ ଡିଜେ ନ ବଜାଇବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ନିୟମକୁ ଡିଜେ ମାଲିକ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗୀରଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



